# ଢେଙ୍କାନାଳ ସିଭିଲ୍‌କୋର୍ଟ ପରିସରରେ ୪ମ ରାଷ୍ଟ୍ରୀୟ  ଲୋକ ଅଦାଲତ

ଅଦ୍ୟ ତା-୦୮.୧୨.୨୦୧୮ ରିଖ ଦିନ ଢେଙ୍କାନାଳ ଜିଲ୍ଲାର ବିଭିନ୍ନ ଅଦାଲତରେ  ୪ମ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଅଛି । ଜିଲ୍ଲା ଓ ଦୌରାଜଜ୍ ତଥା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଅଧ୍ୟକ୍ଷ ଶ୍ରୀଯୁକ୍ତ ତାରା ପ୍ରସାଦ ରଥ ଙ୍କ ତତ୍ଵାବଧାନରେ ଢେଙ୍କାନାଳ ସିଭିଲ୍‌କୋର୍ଟ ପରିସରରେ ମଧ୍ୟ  ଅନୁଷ୍ଠିତ ହୋଇଅଛି  । ଏହି ଲୋକଅଦାଲତରେ ଜିଲ୍ଲାର ସମସ୍ତ ଅଦାଲତର ୧୬୩ ଟି ମାମଲା ଫଏସଲା କରାଯାଇଅଛି  । ସେଥିମଧ୍ୟରୁ ମୋଟର ଦୁର୍ଘଟଣା ଜନିତ ୩୨ ଟି, ବିବାହ ଏବଂ ପାରିବାରିକ ମାମଲା ୦୨ ଟି, ଦେଓାନୀ ମାମଲା ୬୩ ଟି, ବିଭିନ୍ନ ପ୍ରକାରର ଫୌଜଦାରୀ ମାମଲା ୬୬ଟି ଏବଂ ବ୍ୟାଙ୍କ ମାମଲା ଗୁଡିକ ଆପୋଷ ଭାବରେ ସମାଧାନ କରାଜାଇଛି । ମୋଟର ଦୁର୍ଘଟଣା ଜନିତ ପ୍ରାପ୍ୟ ବାବଦକୁ ଟ.୧,୬୨,୯୨,୦୦୦.୦୦ ପ୍ରଦାନ କରାଜାଇଅଛି ଏବଂ ଅନ୍ୟାନ୍ୟ ମାମଲା ଗୁଡିକରେ ଜରିମାନା ଓ ବ୍ୟାଙ୍କ ଋଣ ଫଏସଲା ବାବଦକୁ ଟ.୧୧,୦୮,୬୦୦.୦୦ ଜିଲ୍ଲାର ସମସ୍ତ ଅଦାଲତମାନଙ୍କରେ ଆଦାୟ କରାଜାଇଅଛି ।

ଢେଙ୍କାନାଳ ସିଭିଲ୍ କୋର୍ଟ ପରିସର ମଧ୍ୟରେ ଅନୁଷ୍ଠିତ ହୋଇଥିବା ରଷ୍ଟ୍ରୀୟ ଲୋକ ଅଦାଲତ ରେ ସ୍ଥାୟୀ ଲୋକଅଦାଲତ ର ଅଧକ୍ଷ୍ୟ ଶ୍ରୀ ବିରଂଚି କୁମାର ରଥ,ପାରିବାରିକ ଅଦାଲତ ର ବିଚାରପତି ପ୍ରତିମା ପଣ୍ଡା, ମୁଖ୍ୟବିଚାର ବିଭାଗୀୟ ମାଜିଷ୍ଟ୍ରିଟ ସୋନାଲି ପଟ୍ଟନାୟକ, ବରିଷ୍ଟ ଦେଓାନୀ ବିଚାରପତି ଶ୍ରୀମତୀ ଅଞ୍ଜନା ସାଇଁ, ଅତିରିକ୍ତ ବରିଷ୍ଟ ଦେଓାନୀ ବିଚାରପତି   ଶ୍ରୀମତୀ ସୁଜାତା ପ୍ରିୟମ୍ବଦା ସାଇଁ, ଉପଖଣ୍ଡ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଶ୍ରୀମତୀ ଶିବାନି,    ପ୍ରଥମ ଶ୍ରେଣୀ ବିଚାର ବିଭାଗିୟ ମାଜିଷ୍ଟ୍ରେଟ ରେଖାରାଣୀ ନାୟକ , ଦ୍ଵିତୀୟ ଶ୍ରେଣୀ ବିଚାର ବିଭାଗିଯ଼ ମାଜିଷ୍ଟ୍ରେଟ ବିବେକ ସାସମଲ, ସୋନାଲି ଅପରଜିତା , ବିଭିନ୍ନ ଅଦାଲତ ଗୁଡିକ ପରିଚାଳନା କରିଥିଲେ  । ଉକ୍ତ ଲୋକଅଦାଲତରେ ଅତିରିକ୍ତ ଜିଲ୍ଲା ଜଜ୍ ତଥା ସତନ୍ତ୍ର ଜଜ୍ (ଭିଜିଲାନ୍ସ), ଶ୍ରୀ କ୍ଷିରୋଦ କୁମାର ଦାସ୍, ରେଜିଷ୍ଟ୍ରାର ସିଭିଲ କୋର୍ଟର୍ସ ଶ୍ରୀ ସଂଜିତ୍ ବେହେରା ,ଏବଂ ଗିତାଂଜଳ ନନ୍ଦ , ବରିଷ୍ଟ ଦେଓାନୀ ବିଚାରପତି( ମହିଳା ଙ୍କ ଅଦାଲତ) ପ୍ରମୁଖ ଉପସ୍ଥିତ ଥିଲେ । ଜିଲ୍ଲା ଆଇନ ସେବା ପ୍ରାଧିକରଣ ର ସଚିବ ତାଥା ସ୍ଥାୟୀ ଏବଂ ନିରନ୍ତର ଲୋକ ଅଦାଲତ ର ବିଚାରପତି ଶ୍ରୀ ଅରୁଣ ପଟ୍ଟନାୟକ, ସରକାରୀ ଆଇନଜୀବି ଶ୍ରୀ ପତିତପାବନ ମହାପାତ୍ର,  କନସିଲିଏଟର, ସ୍ଥାୟୀ ଏବଂ ନିରନ୍ତର ଲୋକ ଅଦାଲତ ସୁଭାସିନି ମହାକୁଡ, ସ୍ଥାୟୀ ଏବଂ ନିରନ୍ତର ଲୋକ ଅଦାଲତ କୁ ପରିଚାଳନା କରିଥିଲେ । ଶ୍ରୀମତୀ ପ୍ରିୟଙ୍କା ମିଶ୍ର କୋର୍ଟ ମ୍ୟାନେଜର, ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ର କମିଟିର ସଦସ୍ୟ/ସଦସ୍ୟା, ପି.ଏଲ. ଭି. , ଜିଲ୍ଲା ଆଇନ ପ୍ରାଧିକରଣ ଓ ସିଭିଲ୍ କୋର୍ଟ ର ସମସ୍ତ କର୍ମଚାରୀ   ଉପରୋକ୍ତ ଲୋକ ଅଦାଲତ କୁ ସୁଚାର ରପେ ପରିଚାଳନା କରିବାରେ ସହୟତା କରିଥିଲେ ।

Secretary
District Legal Services Authority
Dhenkanal